ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ଗୋପୀନାଥ ସେଠୀଙ୍କୁ ଭେଟିଲେ ମନ୍ତ୍ରୀ ତୁଷାରକାନ୍ତି ବେହେରା

ଭୁବନେଶ୍ୱର, ୨୬/୦୮/୨୦୧୯

ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ନିସ୍ୱାର୍ଥପର ଭାବେ ପୁଲିସ, ସେନା ଏବଂ ଅଗ୍ନିସମ ଆଦି ବିଭାଗରେ ଚାକିରି ପାଇଁ ରାଜଧାନୀରେ ତାଲିମ ଦେଇ ଆସୁଥିବା ଗୋପୀନାଥ ସେଠୀଙ୍କୁ ଆଜି ସୂଚନା ଓ ପ୍ରଯୁକ୍ତି ବିଦ୍ୟା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଭେଟିଛନ୍ତି ।

ପୁଲିସ ଏବଂ ସେନାବାହିନୀରେ ନିଯୁକ୍ତି ପାଇଁ ଓଡ଼ିଶାର ଯୁବକମାନଙ୍କୁ ଦକ୍ଷ କରାଇବା ଲକ୍ଷ୍ୟରେ ଦୀର୍ଘଦିନ ଧରି ପ୍ରୟାସ ଜାରି ରଖିଥିବା ଗୋପୀନାଥ ସେଠୀଙ୍କ ବିଷୟରେ ଜାଣିବା ପରେ ମନ୍ତ୍ରୀ ଶ୍ରୀ ବେହେରା ତାଙ୍କୁ ଭେଟି ତାଙ୍କର ଏହି ମହାନ ଉଦ୍ୟମକୁ ପ୍ରଶଂସା କରିବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ ।

ଶ୍ରୀ ସେଠୀ ୨୦୦୨ ମସିହାରୁ ଚାକିରି ଆଶାୟୀ ଯୁବକମାନଙ୍କୁ ୫ ହଜାର ମିଟର ଦୌଡ଼, ୧୬ ଶହ ମି. ଦୌଡ଼, ଲଙ୍ଗଜମ୍ପ, ହାଇଜମ୍ପ, ଦଉଡ଼ିଚଢ଼ା, ବାଲିବସ୍ତା ବୋହିବା, ସାଇକେଲିଂ ଆଦି ବିଭିନ୍ନ ବ୍ୟାୟାମ ଓ ଶାରୀରିକ ଶକ୍ତି ଓ ସାମର୍ଥ୍ୟ ବୃଦ୍ଧି ନେଇ ବିନା ମୂଲ୍ୟରେ ତାଲିମ ପ୍ରଦାନ କରିଥାନ୍ତି । ତାଙ୍କ ନିକଟରୁ ତାଲିମ ଗ୍ରହଣ କରି ପ୍ରାୟ ୩୫୦୦ ପିଲା ସିଆରପିଏଫ୍, ଆର୍ମି, ସୀମା ସୁରକ୍ଷା ବଳ, ଡିବଓ ଗାର୍ଡ, କମିଶନରେଟ୍ ପୁଲିସ୍, ଜିଲ୍ଲା ପୁଲିସ୍, ଅଗ୍ନିସମ ଏବଂ ଅବକାରୀ ବିଭାଗରେ ଇନ୍ସପେକ୍ଟର, ସବ୍-ଇନିସ୍ପେକ୍ଟର, କନ୍ଷ୍ଟେବଳ ଆଦି ସହ ରେଳବାଇ ଗ୍ରୁପ୍-ଡି ଆଦିରେ ନିଯୁକ୍ତି ପାଇଛନ୍ତି ।

ଗୋପୀନାଥଙ୍କ ଏହି ମହାନ କାର୍ଯ୍ୟ ପାଇଁ ବିଭିନ୍ନ ଅନୁଷ୍ଠାନ ତରଫରୁ ତାଙ୍କୁ ସମ୍ମାନିତ କରାଯାଇଛି । ଗତ କିଛିଦିନ ହେବ ପିଲାଙ୍କ ତାଲିମ ପ୍ରଦାନ ପାଇଁ ପଡ଼ିଆର ଅଭାବ ଥିବା କଥା ଜାଣିବା ପରେ ଏଥି ନେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ବେହେରା ପ୍ରଶିକ୍ଷକ ଶ୍ରୀ ସେଠୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ସାକ୍ଷାତ ସମୟରେ ବଡ଼ଚଣା ବିଧାୟକ ଶ୍ରୀ ଅମର ପ୍ରସାଦ ଶତପଥୀ ଉପସ୍ଥିତ ଥିଲେ ।

ସୁଜିତ୍ ରଞ୍ଜନ ସ୍ୱାଇଁ
ସୂଚନା ଅଧିକାରୀ